# ଅନେକ ଥିଲି ଭାବି

ଅନେକ ଥିଲି ଭାବି ତୁମକୁ ଦେବି କହି
ସଂଭ୍ରମେ ଅସଂଭ୍ରମେ ମୁଖରୁ ଯିବ ବୋହି
ଗଣିନି କେତେ ଦିନ ନିଦ ନଥିଲା ଲାଗି
କହିବି ନ କହିବି କଥାଟି ଭାବି ଭାବି ।

ମନର ଉପବନେ ଅନେକ ଫୁଲ ଫୁଟେ
ସବୁ ଫୁଲରେ ଫୁଲ ରେଣୁ କି ଥାଏ ସତେ ?
ସବୁ ଫୁଲରେ କଣ ଭ୍ରମର ପାରେ ବସି ?
ସବୁ ମନରେ କଣ ଉଦିତ ହୁଏ ଶଶୀ ?

ରଜନୀଗନ୍ଧା ବାସ ସମୀରେ ଯାଏ ଚରି
କୃଷ୍ଣଚୂଡ଼ାର ରଂଗ ମନକୁ ନିଏ ହରି ।
ଏପରି କେଉଁ ଫୁଲ ଅଛି ଏ ଉପବନେ
ମଧୁକର ଯହିଁରୁ ମଧୁ ପିଇନି ଦିନେ ?

ଦୂରରୁ ପରବତ ଦିଶଇ କି ସୁନ୍ଦର
ଶିଖରେ ଯା'ର ଯକ୍ଷ ପ୍ରିୟା ଅଳକାପୁର
ମେଘକୁ ଦୂତ କରି ପେଶିଲା ଯକ୍ଷ ସିନା
ପ୍ରେମ ପ୍ରଣୟ ଭାର ସମେ କି ପ୍ରିୟା ବିନା ?

ତୁମକୁ ଭଲ ପାଏ କହିବି ବୋଲି ଭାବି
ଚୁମ୍ବନ ଦେବା ଓଠୁ ପାରେନା ବାକ୍ୟ ସ୍ରବୀ ।
ଯେ ସତେ ଭଲ ପାଏ ପିଟେ କି ସେ ନାଗରା
ପ୍ରିୟା ମମତାମୟୀ ସ୍ମୃତିର ଉତ୍ସ ପରା ।

□□□